# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 1 July – 2026

**********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ
- ଦେଶବ୍ୟାପୀ ଆଜିଠାରୁ ଲାଗୁ ହେଲା ଭି.ବି.–ଜି.ରାମ.ଜି ଆଇନରେ ଶ୍ରମିକମାନଙ୍କ ପାଇଁ ବର୍ଦ୍ଧିତ ମଜୁରି
- ସଚିବସ୍ତରୀୟ ବୈଠକରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଏବଂ

- ଆସନ୍ତାକାଲିଠାରୁ ଆରମ୍ଭ ହେବ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

BBSR/R

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଥିବା ଜଣାପଡ଼ିଛି।

Desk

## ଭିବି-ଜି.ରାମ୍.ଜି.

ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ- ଭିବି ଜି.ରାମ.ଜି ଆଇନ୍ ୨୦୨୫ରେ ବର୍ଦ୍ଧିତ ମଜୁରୀ ଆଜିଠାରୁ ଦେଶବ୍ୟାପୀ ଲାଗୁ ହୋଇଛି। ଏ ସମ୍ପର୍କରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଆଇନ ଅଧୀନରେ ମଜୁରୀ ବୃଦ୍ଧି ପାଇଛି। ଏଥିରେ ଶ୍ରମିକମାନଙ୍କୁ ଶ୍ରମ ପାଇଁ ପ୍ରତ୍ୟେକ ଦିନର ମଜୁରୀ ବାବଦରେ ୩୨୭ ଟଙ୍କା ୪୦ ପଇସା ପ୍ରଦାନ କରାଯିବ। ପୂର୍ବରୁ ମନରେଗା ଯୋଜନା ଅଧୀନରେ ଦିଆଯାଉଥିବା ମଜୁରୀଠାରୁ ଏହା ୧୦ ପ୍ରତିଶତ ଅଧିକ। ଭିବି ଜି. ରାମ ଜି. ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ।

ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭିବି-ଜି. ରାମ୍ ଜି. ଆଇନ' ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି। ୨୦୨୫-୨୬ ଆର୍ଥିକବର୍ଷରେ ୧୨ କୋଟି ୧୭ ଲକ୍ଷ ଲୋକ ଏହି ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ସାମିଲ ହୋଇଛନ୍ତି। ଏହି ସମୟ ମଧ୍ୟରେ କର୍ମନିଯୁକ୍ତି ଦିଆଯାଇ ୧୮୪ କୋଟି ୬୮ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି। ସରକାର ଏ ବାବଦରେ  ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର-ଡିବିଟି ମାଧ୍ୟମରେ ୨୭ କୋଟି ୬୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଲ୍ଲେଖ କରିଛନ୍ତି,  ଶ୍ରମିକମାନଙ୍କ ସ୍ୱାଭିମାନ ଓ ସଶକ୍ତୀକରଣକୁ ଏହା ସୁଦୃଢ଼ କରିବା ସହ ସେମାନଙ୍କୁ ନ୍ୟାର୍ଯ୍ୟ ପାରିଶ୍ରମିକ ଠିକ୍ ସମୟରେ ପ୍ରଦାନ କରିବାର ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଦେଶର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଅଭିବୃଦ୍ଧି ଓ ସମୃଦ୍ଧିର ଏକ ନୂଆ ଯୁଗ ସୃଷ୍ଟି କରିବ। 'ବିକଶିତ ଗ୍ରାମରୁ ବିକଶିତ ଭାରତ' ଗଠନର ସଂକଳ୍ପ ନେଇ ଏହା ଏକ ଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

I&PR

## ମୁଖ୍ୟମନ୍ତ୍ରୀ- ପୁସ୍ତକ ଉନ୍ମୋଚନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭା ପରିସରରେ ଫିଜିଓଥେରାପି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଏହି କେନ୍ଦ୍ର ମାଧ୍ୟମରେ ବିଧାନସଭାର ସଦସ୍ୟ ଏବଂ ପୂର୍ବତନ ସଦସ୍ୟମାନେ ଉପକୃତ ହେବେ।  ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୁଇଟି ପୁସ୍ତକକୁ ମଧ୍ୟ ଉନ୍ମୋଚନ କରିଥିଲେ।

HS

## ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ  ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା, ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି, ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟ-ଅପ୍ କ୍ଷେତ୍ର ଆଦିର ସଫଳତା ସମ୍ପର୍କରେ ଶ୍ରୀମତୀ ଗର୍ଗ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଓଡ଼ିଶାର ବିକାଶ ଯାତ୍ରାକୁ ଅଧିକ ଗତିଶୀଳ କରିବା ପାଇଁ ତଥ୍ୟଭିତ୍ତିକ ନିଷ୍ପତ୍ତି, ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର, ବିଭାଗୀୟ ସମନ୍ୱୟ, ସମୟବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ନାଗରିକ କୈନ୍ଦ୍ରୀକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ

ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୈତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍.ଆଇ.ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ନିର୍ବାଚନୀ ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା।

Desk

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଉଭୟ ପରୀକ୍ଷାପାଇଁ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୨୫୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ।

Desk

## ଏସ୍ଆଇ ପରୀକ୍ଷା

ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏସ୍.ଆଇ. ପରୀକ୍ଷା ଶେଷ ହେବ ବୋଲି ଓଡ଼ିଶା ୟୁନିଫର୍ମ ଷ୍ଟାଫ୍ ସିଲେକସନ୍ କମିଶନର ଅଧ୍ୟକ୍ଷ ରଶ୍ମି ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ଶ୍ରୀ ସ୍ୱାଇଁ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ପାଇଁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇପାରିବେ ଏବଂ

ବୟସସୀମା ଅତିକ୍ରମ କରିଥିବା ଆଶାୟୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିପାରିବେ। ସିଲାବସ୍ କିମ୍ବା ପରୀକ୍ଷା ପଦ୍ଧତିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଧ୍ୟକ୍ଷଙ୍କ ସୂଚନା ଅନୁଯାୟୀ, ଚଳିତଥର ପରୀକ୍ଷା ସମ୍ପୂର୍ଣ୍ଣ ସ୍ୱଚ୍ଛ ନିରପେକ୍ଷ ଓ ତ୍ରୁଟିଶୂନ୍ୟଭାବେ ପରିଚାଳନା କରିବାକୁ କମିଶନ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି।

Desk

# ତ୍ରୁଟିଶୂନ୍ୟ ପୁସ୍ତକ

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକ ଅପସାରଣ କରାଯାଇ ନିର୍ଭୁଲ ପାଠ୍ୟପୁସ୍ତକ ସରକାର ଯୋଗାଇଦେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍.ଥିରୁମାଲା ନାୟକ କହିଛନ୍ତି। ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ନାୟକ କହିଛନ୍ତି, ନୂଆ ବହି ଆସିବା ପର୍ଯ୍ୟନ୍ତ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ-ଏସ୍.ସି.ଇ.ଆର.ଟି. ପକ୍ଷରୁ ଓସେପା ଜରିଆରେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଦିଆଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠ ପଢ଼ାଯିବ। ସଂପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ବହି ଉପଲବ୍ଧ ହେବ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଏବଂ ଅନ୍ୟ ଓଡ଼ିଆ ଅଭିଧାନକୁ ନେଇ ବହିରେ ଥିବା ଶବ୍ଦ ଓ ବ୍ୟାକରଣଗତ ତ୍ରୁଟିର ତର୍ଜମା କରାଯାଉଛି ବୋଲି ଗଣଶିକ୍ଷା ବିଭାଗ ସଚିବ ଶ୍ରୀ ନାୟକ କହିଛନ୍ତି।

Desk

# ଗ୍ୟାସ୍ ଦୁର୍ଘଟଣା

ତାମିଲନାଡ୍ରୁ ଗ୍ୟାସ ଦୁର୍ଘଟଣା ମାମଲାରେ ଶ୍ରମ ବିଭାଗ ପକ୍ଷରୁ ୬ଟି ଥାନାରେ ଏତଲା ଦିଆଯାଇଛି। ତେଲକୋଇ, କେନ୍ଦୁଝର ଟାଉନ, ସଦରଥାନା ସମେତ ହରିଚନ୍ଦନପୁର ଘଟଗାଁ ଓ ବାଂଶପାଳ ଥାନାରେ ଏତଲା ହୋଇଛି। ନିକଟରେ ତାମିଲନାଡୁର ଏକ କମ୍ପାନୀରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ୧୪ ଜଣଙ୍କର ଜୀବନହାନୀ ଘଟିଛି। ଦଲାଲଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

Desk

## ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ** ଶ୍ରୀମନ୍ଦିର ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତି ଅବସ୍ଥାନ କରୁଛନ୍ତି। ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ମହାପ୍ରଭୁଙ୍କୁ ଅଣସର ଘରେ ଦଇତାପତି ସେବକମାନେ ଗୁପ୍ତସେବା ଓ ଉପଚାରରେ ଲାଗିଛନ୍ତି।

ଚତୁର୍ଦ୍ଧାମୂର୍ତ୍ତି ଶୁକ୍ଳବସ୍ତ୍ର ଓ ଶୁକ୍ଳ ପୁଷ୍ପ ଧାରଣ କରିଛନ୍ତି। ମହାପ୍ରଭୁଙ୍କଠାରେ ତୁଳସୀ ଲାଗି କରାଯାଉନାହିଁ। ୨ ଥର ସ୍ୱତନ୍ତ୍ର ପଣା-ପାଚନ ପାଣି ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଛି। ଠାକୁରଙ୍କ ପାଖରେ ଭୋଗରେ କେବଳ ଫଳମୂଳ ଲାଗି ହେଉଛି। ପତିମହାପାତ୍ରେ ପଞ୍ଚୋପଚାରରେ ନିରାକାରଙ୍କୁ ପୂଜା କରୁଛନ୍ତି। ଅନ୍ୟପକ୍ଷରେ, ଜଗମୋହନରେ ପଟ୍ଟିଦିଅଁଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ଓ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଞ୍ଚିଦିଅଁ ରୂପେ ପୂଜା ପାଉଛନ୍ତି।

Malkangiri

## ପ୍ରକଳ୍ପ ସମୀକ୍ଷା

ମାଲକାନଗିରି ଜିଲ୍ଲାର ସାଂସ୍କୃତିକ ଓ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଆଜି ଜିଲ୍ଲାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପସ୍ଥଳ ବୁଲି ଦେଖିବା ସହ ଜାରି ରହିଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି।

Nayagada

## ଜିଲ୍ଲାସ୍ତରୀୟ ମହୋତ୍ସବ

ନୟାଗଡ଼ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଏବଂ ପୌରପରିଷଦରେ ମିଳିତ ଆୟୋଜନରେ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ପିଏମ୍ ସ୍ୱନିଧି ଯୋଜନାର ଜିଲ୍ଲାସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ସହରାଞ୍ଚଳର ସମୃଦ୍ଧିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ୬୮ ଜଣଙ୍କୁ ଋଣ ସହାୟତା ଓ ଉନ୍ନତମାନର ଖାଦ୍ୟ ପଦାର୍ଥ ବିକ୍ରି କରୁଥିବାରୁ ସେମାନଙ୍କୁ

ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷୁଦ୍ର ବ୍ୟବସାୟୀଙ୍କ ସଶକ୍ତୀକରଣ ପାଇଁ ସରକାରଙ୍କ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

Malkangiri

## ବିଦ୍ୟୁତ ସୁରକ୍ଷା ସପ୍ତାହ

ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜିର ସଚେତନତା ଆସନ୍ତାକାଲିର ସୁରକ୍ଷା ବିଷୟବସ୍ତୁ ନେଇ ବକ୍ତୃତା ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Desk

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଘନୀଭୂତ ହୋଇ ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି।

ରାଜ୍ୟରେ ଲଗାଣ ବର୍ଷା ଜାରି ରହିଥିବାରୁ ସହରାଞ୍ଚଳରେ ଜଳବନ୍ଦୀ ଓ ଜଳଜମିବା ଆଶଙ୍କାକୁ ଦୃଷ୍ଟିରେ ରଖି ବିଭାଗୀୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଅଭିଯୋଗର ସମାଧାନ ପାଇଁ ସହରାଞ୍ଚଳ ଅଭିଯୋଗ ନିବାରଣ ହେଲପ୍ ଲାଇନ୍ ସହରସାଥୀ- ୧୯୨୯କୁ ସକ୍ରିୟ କରାଯାଇଛି।